# ଭିଡିଏନକେଏଚ୍ ଠାରେ ରୋଜାଟମ୍ ପ୍ୟାଭିଲିୟନ ପରିଦର୍ଶନ କରିଛନ୍ତି ପ୍ରଧାନମନ୍ତ୍ରୀ

ଜୁଲାଇ ୦୯, ୨୦୨୪

ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀ, ମହାମହିମ ରାଷ୍ଟ୍ରପତି ଶ୍ରୀ ଭ୍ଲାଦିମିର ପୁଟିନଙ୍କ ସହ ଆଜି ମସ୍କୋରେ ଥିବା ଅଲ୍ ରଷୀୟ ପ୍ରଦର୍ଶନୀ କେନ୍ଦ୍ର, ଭିଡିଏନକେଏଚ୍ ପରିଦର୍ଶନ କରିଛନ୍ତି।

ଉଭୟ ନେତା ଭିଡିଏନକେଏଚ୍‌ରେ ଥିବା ରୋଜାଟମ୍ ପ୍ୟାଭିଲିୟନ ପରିଦର୍ଶନ କରିଥିଲେ। ଏହା ନଭେମ୍ବର ୨୦୨୩ରେ ଉଦଘାଟିତ ହୋଇଥିବା ରୋଜାଟମ୍ ମଣ୍ଡପ ବୈଜ୍ଞାନିକ ଏବଂ ବୈଷୟିକ ବିକାଶର ଇତିହାସ ଉପରେ ଏକ ବୃହତ୍ତମ ପ୍ରଦର୍ଶନୀ ଅଟେ। ବେସାମରିକ ପରମାଣୁ ଶକ୍ତି କ୍ଷେତ୍ରରେ ଭାରତ-ରୁଷ୍ ସହଯୋଗକୁ ସମର୍ପିତ ଏକ ଫଟୋ ପ୍ରଦର୍ଶନୀକୁ ପ୍ରଧାନମନ୍ତ୍ରୀ ଦେଖିଥିଲେ । ପ୍ରଧାନମନ୍ତ୍ରୀଙ୍କୁ "ଅଟୋମିକ୍ ସିମ୍ଫନି" ମଧ୍ୟ ଦେଖାଯାଇଥିଲା - VVER-୧୦୦୦ ରିଆକ୍ଟରର ଏକ ସ୍ଥାୟୀ କାର୍ଯ୍ୟ ମଡେଲ ଯାହା ଭାରତର କୁଡାନକୁଲମ ଆଣବିକ ଶକ୍ତି କେନ୍ଦ୍ର (KKNPP)ର ଉତ୍ସ ଅଟେ।

ପ୍ୟାଭିଲିୟନରେ ଭାରତ ଓ ରୁଷର କିଛି ଛାତ୍ରଛାତ୍ରୀଙ୍କ ସହ ପ୍ରଧାନମନ୍ତ୍ରୀ ଆଲୋଚନା କରିଥିଲେ। ଭବିଷ୍ୟତ ପିଢ଼ି ଏବଂ ପୃଥିବୀ ପାଇଁ ଉପଯୋଗ କରାଯାଇପାରୁଥିବା ବିଜ୍ଞାନ ଓ ବୈଷୟିକ ବିଜ୍ଞାନ କ୍ଷେତ୍ରରେ ଭବିଷ୍ୟତର ସମ୍ଭାବନା ଉପରେ ଦୃଷ୍ଟି ଦେବାକୁ ସେ ସେମାନଙ୍କୁ ଉତ୍ସାହିତ କରିଥିଲେ।

**ମସ୍କୋ**
**ଜୁଲାଇ ୦୯, ୨୦୨୪**